# NATIONAL NEWS BULLETIN (ODIA)

## 26 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଭାରତ' ଇସ୍ରାଏଲ ସହିତ ଦୃଢ଼ଭାବେ ଛିଡା ହୋଇଛି ଇସ୍ରାଏଲ ସଂସଦରେ ଉଦ୍‌ବୋଧନ ଦେଇ କହିଲେ ପ୍ରଧାନମନ୍ତ୍ରୀ ।

\- ଇସ୍ରାଏଲ ସଂସଦର ସର୍ବୋଚ୍ଚ ସମ୍ମାନ 'ସ୍ପିକର ଅଫ୍ ଦ ନେସେଟ୍ ମେଡାଲ'ରେ ହେଲେ ସମ୍ମାନିତ ।

- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଆଜି ଆରମ୍ଭ ହେବ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-CBDC ଖାଦ୍ୟ ସବ୍‌ସିଡ୍ ବଣ୍ଟନ ପାଇଲଟ୍ ପ୍ରକଳ୍ପ ।

- ଜେନେଭାଠାରେ ଆଜି ଅନୁଷ୍ଠିତ ହେବ ଆମେରିକା-ଇରାନ୍ ତୃତୀୟ ପର୍ଯ୍ୟାୟ ଆଣବିକ କାର୍ଯ୍ୟକ୍ରମ ଆଲୋଚନା ।

ଏବଂ

- ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର ଏଇଟ୍ ପର୍ଯ୍ୟାୟର ଆଜିକାର ଏକ ମ୍ୟାଚ୍‌ରେ ଭାରତ ଭେଟିବ ଜିମ୍ବାୱେକୁ ।

# ପିଏମ୍-ନିସେଟ୍

ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଭାରତ ଇସ୍ରାଏଲ ସହିତ ଦୃଢ଼ଭାବେ ଛିଡା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଇସ୍ରାଏଲ ସଂସଦ ନେସେଟ୍‌ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ବିଶ୍ୱର ଯେ କୌଣସି ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟ, ପ୍ରତ୍ୟେକ ସ୍ଥାନରେ ଶାନ୍ତିକୁ ନଷ୍ଟ କରିଥାଏ । ଆତଙ୍କବାଦକୁ ଦମନ କରିବା ଲାଗି ଭାରତ ଦୀର୍ଘଦିନ ଧରି ପଦକ୍ଷେପ ନେଇଆସୁଛି । ଇସ୍ରାଏଲ ଭଳି ଭାରତ ମଧ୍ୟ ଏ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି ବୋଲି ସେ କହିଛନ୍ତି । ତେବେ ଏ ଦିଗରେ କୌଣସି ପ୍ରକାର ଦୋମୁହାଁ ନୀତିକୁ ଭାରତ ପ୍ରଶ୍ରୟ ଦିଏନାହିଁ କିମ୍ବା ଏଥିଲାଗି ସାଲିସ କରେନାହିଁ ବୋଲି ପ୍ରଧାନମନ୍ତ୍ରୀ ସ୍ୱଷ୍ଟ କରିଛନ୍ତି । ଆତଙ୍କବାଦକୁ ମୂଳୋତ୍ପାଟନ କରିବା ଲାଗି ଶ୍ରୀ ମୋଦୀ ଏକ ସ୍ଥାୟୀ ତଥା ବିଶ୍ୱସ୍ତରୀୟ ମିଳିତ ପ୍ରୟାସ ଲାଗି ଆହ୍ୱାନ ଦେଇଛନ୍ତି । ୨୦୨୩ ଅକ୍ଟୋବର ୭ ତାରିଖରେ ହମାସ୍ ଗୋଷ୍ଠୀ ଦ୍ୱାରା ହୋଇଥିବା ବର୍ବରୋଚିତ ଆତଙ୍କବାଦ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରବର୍ଗ ପ୍ରତି ଶ୍ରୀ ମୋଦୀ ସମଗ୍ର ଭାରତବାସୀଙ୍କ ପକ୍ଷରୁ ସମବେଦନା ଜ୍ଞାପନା କରିଛନ୍ତି ।

ଏହି ଐତିହାସିକ ଭାଷଣ ଦେଇ ଶ୍ରୀ ମୋଦୀ ଇସ୍ରାଏଲ ଲାଗି ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ଅଭିନନ୍ଦନ ତଥା ବନ୍ଧୁତ୍ୱ, ସମ୍ମାନ ଓ ଭାଗିଦାରୀର ବାର୍ତ୍ତା ନେଇ ଆସିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ୧୯୫୦ ମସିହା ସେପ୍ଟେମ୍ବର ୧୭ ତାରିଖରେ ଭାରତ ଇସ୍ରାଏଲକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଥିଲା । ସଂଯୋଗକ୍ରମେ ସେହିଦିନ ସେ ଜନ୍ମଗ୍ରହଣ କରିଥିବାରୁ ଇସ୍ରାଏଲ ପ୍ରତି ତାଙ୍କର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଭାରତରେ ଶତାବ୍ଦୀ ଶତାବ୍ଦୀର ଧରି ଇହୁଦି ସମ୍ପ୍ରଦାୟ ବିନାକୌଣସି ଭୟ ତଥା ଏକ ଭାତୃତ୍ୱପୂର୍ଣ୍ଣ ବାତାବରଣ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରି ଆସୁଛନ୍ତି । ଭାରତର ଏହା ହେଉଛି ସମଭାବାପନ୍ନ ସଂସ୍କୃତିର ପରିଚୟ ବୋଲି ପ୍ରଧାନମନ୍ତ୍ର କହିଛନ୍ତି । ଗାଜାରେ ଶାନ୍ତି ଫେରାଇଆଣିବା ଲାଗି ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ କରାଯାଉଥିବା ପ୍ରୟାସକୁ ଶ୍ରୀ ମୋଦୀ ସଂପୃକ୍ତ ଅଞ୍ଚଳ ଲାଗି ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି । ଏହି ପଦକ୍ଷେପକୁ ଭାରତ ଦୃଢ଼ ସମର୍ଥନ କରେ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ କିଛିବର୍ଷ ମଧ୍ୟରେ ଭାରତ ବିଶ୍ୱରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରୁଥିବା ପ୍ରମୁଖ ଅର୍ଥବ୍ୟବସ୍ଥା ଭାବେ ଉଭା ହୋଇଛି । ଖୁବ୍‌ଶୀଘ୍ର ବିଶ୍ୱର ପ୍ରଥମ ୩ଟି ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ସ୍ଥାନ ପାଇବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀ ମୋଦୀ

କହିଛନ୍ତି ଅନୁରୂପ ଭାବେ ଇତିମଧ୍ୟରେ ଇସ୍ରାଏଲ ମଧ୍ୟ ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳର ନେତୃତ୍ୱର ଶକ୍ତିକେନ୍ଦ୍ର ପାଲଟିଛି । ଫଳରେ ବିଭିନ୍ନ କ୍ଷେତ୍ରରେ ଦୁଇଦେଶର ଭାଗିଦାରୀ ମାଧ୍ୟମରେ ଉଭୟପକ୍ଷ ଉପକୃତ ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପିଏମ୍ ନେସେଟ୍ ମେଡାଲ

ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇସ୍ରାଏଲ ସଂସଦର ସର୍ବୋଚ୍ଚ ପୁରସ୍କାର 'ସ୍ପିକର ଅଫ୍ ଦ ନେସେଟ୍ ମେଡାଲ'ରେ ସମ୍ମାନିତ କରାଯାଇଛି । ଭାରତ-ଇସ୍ରାଏଲ ରଣନୈତିକ ସମ୍ପର୍କକୁ ସଶକ୍ତ କରିବା ଦିଗରେ ତାଙ୍କର ବ୍ୟକ୍ତିଗତ ନେତୃତ୍ୱ ମାଧ୍ୟମରେ ଉଲ୍ଲେଖନୀୟ ଅବଦାନ ଲାଗି ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ଦିଆଯାଇଛି । ଭାରତର ପ୍ରଧାନମନ୍ତ୍ରୀ ପ୍ରଥମ ନେତା ଭାବେ ଇସ୍ରାଏଲ ସଂସଦ ନେସେଟ୍‌ର ଏହି ସର୍ବୋଚ୍ଚ ପଦକ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇସ୍ରାଏଲ ସଂସଦକୁ ସମ୍ବୋଧନ କରିବା ପରେ ନେସେଟ୍‌ର ବାଚସ୍ପତି ଅମିର୍ ଓହାନା ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା, ବୈଷୟିକ ଜ୍ଞାନକୌଶଳ, କୃଷି, ନବସୃଜନ ଏବଂ ଅର୍ଥନୀତିକ ସହଯୋଗ କ୍ଷେତ୍ରରେ ଦୁଇପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଭୂମିକା ଉପରେ ତାଙ୍କୁ ପ୍ରଦାନ କରାଯାଇଥିବା ମାନପତ୍ରରେ ଆଲୋକପାତ କରାଯାଇଛି ।

ଏହି ସମ୍ମାନ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ କହିଛନ୍ତି ସେ ଏହାକୁ ନମ୍ରତା ତଥା କୃତଜ୍ଞତାର ସହ ଗ୍ରହଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ସମ୍ମାନ କେବଳ ଜଣେ ବ୍ୟକ୍ତିଙ୍କ ପ୍ରତି ଉଦ୍ଦିଷ୍ଟ ନୁହେଁ ବରଂ ଭାରତ-ଇସ୍ରାଏଲ ବନ୍ଧୁତ୍ୱ ଲାଗି ସମର୍ପିତ ।

ପ୍ରଧାନମନ୍ତ୍ରୀଙ୍କୁ ଇସ୍ରାଏଲ ସଂସଦର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ଏହାକୁ ପ୍ରତ୍ୟେକ ଭାରତୀୟଙ୍କ ଲାଗି ଏକ ଗର୍ବର ମୁହୂର୍ତ୍ତ ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଭିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଭାରତ-ଇସ୍ରାଏଲ ମଧ୍ୟରେ ଆପୋଷ ସଶକ୍ତିକରଣ ତଥା ମାନବ କଲ୍ୟାଣ ଦିଗରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱ ଏହାଦ୍ୱାରା ପ୍ରତିଫଳିତ ହେଉଛି ।

## ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଜାମସେଦପୁରର ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ ସମାରୋହରେ ଯୋଗଦେବେ । ଏହାପରେ ଶ୍ରୀମତୀ ମୁର୍ମୁ ଜାମସେଦପୁରର ମଣିପାଲ ଟାଟା ମେଡିକାଲ କଲେଜ ପରିଦର୍ଶନ କରିବା ସମୟରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ  ଗତ ମଙ୍ଗଳବାରଠାରୁ ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ରାଜସ୍ଥାନକୁ ଚାରି ଦିନିଆ ଗସ୍ତରେ ଯାଇଛନ୍ତି ।

## ଭିପି-ଜେକେ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଦୁଇଦିନିଆ ଜାମ୍ମୁକାଶ୍ମୀର ଗସ୍ତରେ ଯାଇ ଗତକାଲି ଶ୍ରୀନଗରରେ ପହଞ୍ଚିଛନ୍ତି । ଉପରାଷ୍ଟ୍ରପତି ଭାବେ ତାଙ୍କର ଏହା ହେଉଛି ଜାମ୍ମୁକାଶ୍ମୀରକୁ ପ୍ରଥମ ଗସ୍ତ । ଶ୍ରୀନଗର ଆନ୍ତର୍ଜାତିକ ବିମାନବନ୍ଦରଠାରେ ତାଙ୍କୁ ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱାଗତ କରିଛନ୍ତି । ଆଜି ଉପରାଷ୍ଟ୍ରପତି କାଶ୍ମୀର ବିଶ୍ୱବିଦ୍ୟାଳୟର ଏକବିଂଶତମ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେବେ । ଶ୍ରୀ ରାଧାକୃଷ୍ଣନଙ୍କର ଏହି ଗସ୍ତ ଲାଗି ଶ୍ରୀନଗରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଆର୍‌ବିଆଇ-ଫୁଡ୍ ସବ୍‌ସିଡ୍

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-CBDC ଖାଦ୍ୟ ସବ୍‌ସିଡ୍ ବଣ୍ଟନ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରାଯିବ । ପୁଡୁଚେରୀଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଉପରାଜ୍ୟପାଳ

କେ.କୈଳାସନାଥନ ଏବଂ ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗାସ୍ୱାମୀ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପର ଶୁଭାରମ୍ଭ କରିବେ । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ଡିଜିଟାଲ୍ ମୁଦ୍ରା ଟୋକନ୍ ବ୍ୟବସ୍ଥାରେ ଚିହ୍ନଟ ହିତାଧିକାରୀଙ୍କ ଡିଜିଟାଲ୍ ୱାଲଟ୍‌ରେ ଖାଦ୍ୟ ସବ୍‌ସିଡ୍ ବାବଦ ଅର୍ଥ ପ୍ରଦାନ କରାଯିବ। କେବଳ ଅଧିକୃତ ବ୍ୟବସାୟୀ ଏବଂ ଉଚିତ ମୂଲ୍ୟ ଦୋକାନ ଆଧାରିତ ଅଧିକାରପ୍ରାପ୍ତ ଖାଦ୍ୟଶସ୍ୟ କ୍ରୟ ପାଇଁ ଏହି ଡିଜିଟାଲ ମୁଦ୍ରା ଟୋକନକୁ ବ୍ୟବହାର କରାଯାଇ ପାରିବ ବୋଲି ଆର୍‌ବିଆଇ କହିଛି ।

# ଇରାନ୍-ୟୁଏସ୍ ନ୍ୟୁକ୍ଲିୟର ଟକ୍‌ସ

ଯୁକ୍ତରାଷ୍ଟ୍ର ଆମେରିକା ଓ ଇରାନ୍ ମଧ୍ୟରେ ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ ତୃତୀୟ ପର୍ଯ୍ୟାୟ କଥାବାର୍ତ୍ତା ଆଜି ଜେନେଭାଠାରେ ଅନୁଷ୍ଠିତ ହେବ । ଇରାନ୍ ରାଷ୍ଟ୍ରପତି ମସୌଦ ପେଜେସ୍‌କିଆନ କହିଛନ୍ତି ଏହି ଆଲୋଚନାରୁ ସୁଫଳ ମିଳିବ ବୋଲି ସେ ଆଶାବାଦୀ ଅଛନ୍ତି । ଆୟତଲ ଅଲ୍ଲୀ ଖାମେନିଙ୍କ ମାର୍ଗଦର୍ଶନରେ ଏହି ଆଲୋଚନା ପ୍ରକ୍ରିୟା କରାଯାଉଥିବା ଶ୍ରୀ ପେଜେସ୍‌କିଆନ କହିଛନ୍ତି । ତେବେ ଇତିମଧ୍ୟରେ ତେହେରାନ୍‌ର ତୈଳ ବାଣିଜ୍ୟ ଏବଂ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ଉପରେ ୱାଶିଂଟନ୍ ପକ୍ଷରୁ ପୁଣି ନିଷେଧାଦେଶ ଜାରି କରାଯାଇଛି ।

# ରେଳବାଇ-ହୋଲି

ହୋଲି ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କର ସୁବିଧା ଲାଗି ଭାରତୀୟ ରେଳବାଇ ପକ୍ଷରୁ ବିଭିନ୍ନ ରେଳ ଜୋନ୍‌ରେ ଆସନ୍ତାମାସ ୧୮ତାରିଖ

ପର୍ଯ୍ୟନ୍ତ ୧ହଜାର ୨୪୪ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ରେଳ ମନ୍ତ୍ରଣାଳୟ କହିଛି ଯାତ୍ରୀମାନଙ୍କ ଦାବି ତଥା ସୁବିଧାକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥଳେ ଏହି ଟ୍ରେନ୍ ସଂଖ୍ୟା ଭବିଷ୍ୟତରେ ବୃଦ୍ଧି କରାଯାଇପାରିବ । ନିୟମିତ ଟ୍ରେନ୍ ସହିତ ଦେଶର ବିଭିନ୍ନ ସ୍ଥାନକୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ରେଡ୍ ଫୋର୍ଟ ବ୍ଲାଷ୍ଟ-ଏନ୍ଆଇଏ

ଦିଲ୍ଲୀର ଲାଲକିଲ୍ଲା ଅଞ୍ଚଳରେ ବୋମା ବିସ୍ଫୋରଣ ଷଡ଼ଯନ୍ତ୍ରରେ ସଂପୃକ୍ତି ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ ଆଉ ୨ଜଣଙ୍କୁ ଗିରଫ କରିଛି । ଏଥିସହିତ ଏହି ମାମଲାରେ ଏନ୍ଆଇଏ ୧୧ଜଣଙ୍କୁ ଗିରଫ କରିସାରିଛି । ଗତକାଲି ଗିରଫ କରିଥିବା ୨ଜଣ ଜାମ୍ମୁକାଶ୍ମୀରର ଗନ୍ଦେରଓ୍ୱାଲ ନିବାସୀ ଜମିର୍ ଅହମ୍ମଦ ଏବଂ ଶ୍ରୀନଗରର ତୁଫେଲ ଅହମ୍ମଦ ବୋଲି ଚିହ୍ନଟ କରାଯାଇଛି । ଏହି ୨ଜଣ ମାମଲାର ମୁଖ୍ୟ ଅଭିଯୁକ୍ତକୁ ଅସ୍ତ୍ରଶସ୍ତ୍ର ଯୋଗାଇଥିଲେ ବୋଲି ଏନ୍ଆଇଏ ପକ୍ଷରୁ ସୂଚନା ଦିଆଯାଇଛି । ଗତବର୍ଷ ନଭେମ୍ବର ୧୦ ତାରିଖରେ ଏହି ବିସ୍ଫୋରଣ ଯୋଗୁଁ ୧୧ଜଣଙ୍କର ମୃତ୍ୟୁ ହେବା ସହ ଅନେକଲୋକ ଆହତ ହୋଇଥିଲେ । ଏହି ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଉମର ଉନ୍ ନବୀର ଏଥିରେ ମୃତ୍ୟୁ ହୋଇଥିଲା ବୋଲି ଏନ୍ଆଇଏ କହିଛି ।

## କ୍ରିକେଟ୍-ଟି୨୦

ଆଇସିସି ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର ଏଇଟ୍ ପର୍ଯ୍ୟାୟର ଗ୍ରୁପ୍-୧ର ଆଜିକାର ଏକ ମ୍ୟାଚ୍‌ରେ ଭାରତ ଜିମ୍ବାୱେକୁ ଭେଟିବ । ଏହି ମ୍ୟାଚ୍ ସଂଧ୍ୟା ୭ଟାରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ପର୍ଯ୍ୟାୟର ଅନ୍ୟଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଅପରାହ୍ଣ ୩ଟାରେ ଆରମ୍ଭ ହେବ ।

ଟୁର୍ଣ୍ଣାମେଣ୍ଟର ସୁପର-୮ ପର୍ଯ୍ୟାୟର ଗ୍ରୁପ୍-୨ର ଏକ ମ୍ୟାଚ୍‌ରେ ଗତକାଲି ନ୍ୟୁଜିଲାଣ୍ଡ’ ଶ୍ରୀଲଙ୍କାକୁ ୬୧ରନ୍‌ରେ ପରାସ୍ତ କରିଛି । କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୮ରନ୍ କରିଥିଲା । ଦଳପକ୍ଷରୁ ଅଧିନାୟକ ମିଚେଲ ସାଣ୍ଟନର ସର୍ବାଧିକ ୪୭ରନ୍ କରିଥିଲେ । ୧୬୯ରନ୍ ବିଜୟଲକ୍ଷର ପିଛାପରି ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୦୭ ରନ୍ କରିପାରିଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ରଚିନ ରବୀନ୍ଦ୍ର ୪ଟି ୱିକେଟ୍ ଅକ୍ତିଆର କରିବାସହିତ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।